# NATIONAL NEWS BULLETIN (ODIA)

## 7 April - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ତାମିଲନାଡୁର କଳ୍ପକମ୍‌ରେ ସ୍ୱଦେଶୀ ନିର୍ମିତ ରିଆକ୍ଟର ଭାରତର ପରମାଣୁ ଶକ୍ତି କାର୍ଯ୍ୟକ୍ରମରେ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ, କହିଲେ ପ୍ରଧାନମନ୍ତ୍ରୀ ।
- ପ୍ରଥମ ପର୍ଯ୍ୟାୟରେ ଆସନ୍ତା ଗୁରୁବାର ହେବାକୁଥିବା ବିଧାନସଭା ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ଶେଷ ହେବ ପ୍ରଚାର କାର୍ଯ୍ୟ ।
- ସଂସଦର ଉଭୟ ସଦନରେ ଅଗ୍ରାହ୍ୟ ହେଲା ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ଆଗତ ମହାଅଭିଯୋଗ ପ୍ରସ୍ତାବ ।
- ହର୍ମୁଜ୍ ପ୍ରଣାଳୀକୁ ପୁନଃ କାର୍ଯ୍ୟକ୍ଷମ କରିବାରେ ବିଫଳ ହେଲେ ଇରାନ୍ ବିରୁଦ୍ଧ ଆକ୍ରମଣ ଅଧିକ ତୀବ୍ର ହେବ ବୋଲି ଚେତାବନୀ ଦେଲେ ଆମେରିକା ରାଷ୍ଟ୍ରପତି ।

ଏବଂ

- ବର୍ଷା ଯୋଗୁଁ ସମ୍ଭାବ ହୋଇ ନାହିଁ ଆଇପିଏଲ୍ କ୍ରିକେଟ୍ ଗତକାଲିର ମ୍ୟାଚ୍ ।

# ପିଏମ୍-ସିଭିଲ୍ ନ୍ୟୁକ୍ଲିୟର୍ ଫିଟ୍

ତାମିଲନାଡୁର କଲ୍ପକମ୍‌ରେ ସ୍ୱଦେଶୀ ଭାବରେ ପ୍ରସ୍ତୁତ ତଥା ନିର୍ମିତ ପ୍ରୋଟୋଟାଇପ୍ ଫାଷ୍ଟ ବ୍ରିଡ୍‌ର ରିଆକ୍ଟର ଭାରତର ପରମାଣୁ ଶକ୍ତି କାର୍ଯ୍ୟକ୍ରମରେ ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସଫଳତାକୁ ଉଚ୍ଚ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ବେସାମରିକ ପରମାଣୁ ଯାତ୍ରାରେ ଭାରତ ପାଇଁ ଏହା ଏକ ନିର୍ଣ୍ଣାୟକ ପଦକ୍ଷେପ ସାବ୍ୟସ୍ତ ହେବ । ଦେଶର ତ୍ରିସ୍ତରୀୟ ପରମାଣୁ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟକୁ ଏହି ପଦକ୍ଷେପ ଅଧିକ ଗତିଶୀଳ କରିଛି । ରିଆକ୍ଟରର ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଦେଶର ବୈଜ୍ଞାନିକଙ୍କ ଦକ୍ଷତା ଏବଂ ବୈଷୟିକ ଉଦ୍ୟୋଗର ଶକ୍ତିକୁ ଏହା ପ୍ରତିଫଳନ କରୁଛି । ଦେଶର ତୃତୀୟ ପର୍ଯ୍ୟାୟ ପରମାଣୁ ଯାତ୍ରାରେ ଥୋରିୟମ୍ ଭଣ୍ଡାର ଉପଯୋଗ ଉପରେ ଏହି ଅବସରରେ ଆଲୋକପାତ କରିଛନ୍ତି । ବର୍ତ୍ତମାନର ସମୟ ଭାରତ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ଶ୍ରୀ ମୋଦୀ ବର୍ଣ୍ଣନା କରିବା ସହ ଏଥିରେ ସାମିଲ ହୋଇଥିବା ବୈଜ୍ଞାନିକ ଏବଂ ଇଞ୍ଜିନିୟରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

୫୦୦ ମେଗାୱାଟ୍ ବିଶିଷ୍ଟ ଏହି ବୈଦ୍ୟୁତିକ ରିଆକ୍ଟର ତାମିଲନାଡୁର କଳ୍ପକମ୍‌ରେ ଅବସ୍ଥିତ ଏବଂ ଦେଶର ନାଭିକୀୟ ବିଦ୍ୟୁତ୍ ନିଗମ ଲିମିଟେଡ୍ ଦ୍ୱାରା ପରିଚାଳିତ ହେଉଛି । ଦେଶର ଦୀର୍ଘକାଳୀନ ପରମାଣୁ ରଣନୀତିର ଏହା ଏକ ପ୍ରମୁଖ ଉପାଦାନ ପାଲଟିଛି । ଏହି ରିଆକ୍ଟର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ରୁଷ ପରେ ଭାରତ ବାଣିଜ୍ୟିକ ଦ୍ରୁତ ପର୍ଯ୍ୟାୟ ବିଶିଷ୍ଟ ରିଆକ୍ଟର ପ୍ରସ୍ତୁତ କରିବାରେ ବିଶ୍ୱର ଦ୍ୱିତୀୟ ଦେଶ ହେବ । ଆତ୍ମନିର୍ଭର ଭାରତ ପଦକ୍ଷେପ ଅଧୀନରେ ସରକାରୀ ଦୃଷ୍ଟିକୋଣ ସହ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକ୍ରମରେ ଏମ୍.ଏସ୍.ଏମ୍.ଇ. କ୍ଷେତ୍ରକୁ ମିଶାଇ ୨୦୦ରୁ ଅଧିକ ଶିଳ୍ପୋଦ୍ୟୋଗ ଅଂଶିଦାର ପାଲଟିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଥୋରିୟମ୍ ୨୩୨ ଏବଂ ୟୁରାନିୟମ୍ ୨୩୩ ଉତ୍ପାଦନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ଏହା ଦେଶର ପରମାଣୁ କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟକୁ ଅଧିକ ବ୍ୟାପକ କରିବ ବୋଲି ଆଶା କରାଯାଉଛି ।

## କ୍ୟାମ୍ପେନିଂ-ଆସେମ୍ବ୍ଲି ପୁଲସ୍

ପ୍ରଥମ ପର୍ଯ୍ୟାୟରେ ଆସନ୍ତା ଗୁରୁବାର ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଆଜି ସନ୍ଧ୍ୟାରେ ଶେଷ ହେଉଛି । ଆସାମ, କେରଳମ୍ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ଆସନ୍ତା ଗୁରୁବାର

ଦିନ ପ୍ରଥମ ପର୍ଯ୍ୟାୟ ମତଦାନ ଗ୍ରହଣ କରାଯିବ । ପ୍ରଚାରର ଏହି ଶେଷ ପର୍ଯ୍ୟାୟରେ ବିଭିନ୍ନ ରାଜନୈତିକ ଦଳର ଶୀର୍ଷ ନେତୃତ୍ୱ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରକୁ ଅଧିକ ତ୍ୱରାନ୍ୱିତ କରିଛନ୍ତି । ଜନସମାବେଶ, ରୋଡ୍ ଶୋ' ଆଦି ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ ଜାରି ରହିଛି ।

ଆସାମରେ ୧୨୬ଟି, କେରଳମ୍‌ରେ ୧୪୦ ଏବଂ ପୁଡୁଚେରୀରେ ୩୦ଟି ଆସନ ପାଇଁ ଗୁରୁବାର ଦିନ ମତଗ୍ରହଣ କରାଯିବ । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଆସାମର ବାରପେଟା, ହୋଜାଇ ଏବଂ ଦିବ୍ରୁଗଡ଼ରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ । ଆସାମରେ କ୍ରମାଗତ ତୃତୀୟଥର ପାଇଁ ବିଜେପି ନେତୃତ୍ୱାଧୀନ ସରକାର ଗଠିତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ରାଜ୍ୟର ସବୁ ଅଞ୍ଚଳର ବିକାଶ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ସର୍ବୋଚ୍ଚ ପ୍ରାଥମିକତା ବୋଲି ସେ ପ୍ରକାଶ କରିଛନ୍ତି ।  ଗତ ୧୦ ବର୍ଷ ମଧ୍ୟରେ ଆସାମରେ ସୃଷ୍ଟ ଶାନ୍ତି ଓ ସମୃଦ୍ଧିର ବାତାବରଣ ଉପରେ ଶ୍ରୀ ମୋଦୀ ପ୍ରଚାର ସମୟରେ ଆଲୋକପାତ କରିଛନ୍ତି ।

ଅନ୍ୟ ପକ୍ଷରେ କଂଗ୍ରେସ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରକୁ ଜୋରଦାର କରିଛି । ଗୁଆହାଟୀଠାରେ ଗତକାଲି ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ଦଳର ବରିଷ୍ଠ ନେତ୍ରୀ କୁମାରୀ ଶୈଳଜା

କହିଛନ୍ତି, ସମସ୍ତଙ୍କ ପାଇଁ ନ୍ୟାୟ ସମାନ ଅଧିକାର ପ୍ରଦାନ କରିବାକୁ କଂଗ୍ରେସ ପ୍ରୟାସ ଜାରି ରଖିଛି । ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଆସାମ ଗଣପରିଷଦ, ଆସାମ ଜାତୀୟ ପରିଷଦ ଏବଂ ରାଇଜୋର ଦଳ ମଧ୍ୟ ସେମାନଙ୍କ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟ ତୀବ୍ର କରିଛନ୍ତି ।

ପୁଡୁଚେରୀରେ ମଧ୍ୟ ଗତକାଲି ବିଭିନ୍ନ ଦଳର ଶୀର୍ଷ ନେତୃତ୍ୱ ର୍ୟାଲି ଏବଂ ସାଧାରଣ ସଭା ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରିଛନ୍ତି । ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧି, ଡି.ଏମ୍.କେ. ନେତା ଏବଂ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ସେଠାରେ ଗତକାଲି ପ୍ରଚାରର ନେତୃତ୍ୱ ନେଇଥିଲେ ।

କେରଳମ୍‌ରେ ମଧ୍ୟ ପ୍ରଚାର କାର୍ଯ୍ୟ ଗତିଶୀଳ ହୋଇଛି । ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତୃତ୍ୱ ରାଜ୍ୟବ୍ୟାପି ଜନସମାବେଶ ଏବଂ ରୋଡ୍ ଶୋ’ ମାଧ୍ୟମରେ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି ।

ଅନ୍ୟ ପକ୍ଷରେ ତାମିଲନାଡୁରେ ଏକକ ପର୍ଯ୍ୟାୟ ଏବଂ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ନାମାଙ୍କନପତ୍ର ଗୁଡ଼ିକର ଆଜି ଯାଞ୍ଚ କରାଯିବ । ଉଭୟ ରାଜ୍ୟପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଗତକାଲି ଶେଷ ହୋଇଛି । ସେଠାରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପାଇଁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ ହୋଇଛି । ପ୍ରଥମ

ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ୧୫୨ଟି ନିର୍ବାଚନ ମଣ୍ଡଳୀରେ ଏବଂ ତାମିଲନାଡୁର ଏକକ ପର୍ଯ୍ୟାୟରେ ୨୩୪ଟି ବିଧାନସଭା ଆସନ ପାଇଁ ଆସନ୍ତା ୨୩ ତାରିଖରେ ଭୋଟ ଗ୍ରହଣ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ୨୯ ତାରିଖରେ ୧୪୨ଟି ଆସନ ପାଇଁ ମତଗ୍ରହଣ କରାଯିବ । ଆସନ୍ତା ମାସ ୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ କରିଇବ ।

## ଆର୍‌ଏସ୍-ଏଲ୍‌ଏସ୍ ରିଜେକ୍ଟ ମୋସନ୍

ସଂସଦର ଉଭୟ ସଦନରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଆଗତ ମହାଅଭିଯୋଗ ପ୍ରସ୍ତାବ ଅଗ୍ରାହ୍ୟ ହୋଇଛି । ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ଏବଂ ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିରୋଧି ସଦସ୍ୟଙ୍କ ଦ୍ୱାରା ଆଗତ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଛନ୍ତି । ରାଜ୍ୟସଭା ସଚିବାଳୟ ଏବଂ ଲୋକସଭା ସଚିବାଳୟ ପକ୍ଷରୁ ପୃଥକ ପୃଥକ ଭାବେ ଏହି ସୂଚନା ପ୍ରଦାନ କରାଯାଇଛି । ପ୍ରସ୍ତାବ ନୋଟିସ୍‌ର ବିଚାର ବିମର୍ଷ, ପ୍ରାସଙ୍ଗିକ ଦିଗ ଏବଂ ଆନୁସଙ୍ଗୀକ ମୂଲ୍ୟାଙ୍କନ ପରେ ଉଭୟ ସଦନର ଅଧ୍ୟକ୍ଷ ଏହି ନିଷ୍ପତ୍ତି ଗ୍ରହଣ କରିଥିବା ଏଥିରେ କୁହାଯାଇଛି । ପ୍ରଥମଥର ପାଇଁ ଲୋକସଭା ଏବଂ ରାଜ୍ୟସଭା ଉଭୟ ସଦନରେ ବିରୋଧି ଦଳ ଦଳୀୟ ମନୋଭାବ ଆଧାରରେ ଏହି ମହାଅଭିଯୋଗ ପ୍ରସ୍ତାବ ଆଗତ ନେଇ ନୋଟିସ୍ ଦାଖଲ କରିଥିଲେ ।

## ପ୍ରେଜ୍-ଏପି ଆକ୍ଟ

ଆନ୍ଧ୍ରପ୍ରଦେଶ ପୁନର୍ଗଠନ ସଂଶୋଧନ ଆଇନ୍ ୨୦୨୬ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି । ଆଇନ୍ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ଏହାକୁ ଅନୁମୋଦନ କରିଥିବା ଉଲ୍ଲେଖ କରାଯାଇଛି । ଏଥିସହ ଅମରାବତୀ ଆନ୍ଧ୍ରପ୍ରଦେଶର ଏକ ମାତ୍ର ତଥା ସ୍ଥାୟୀ ରାଜଧାନୀ ଭାବେ ପ୍ରତିଷ୍ଠିତ ହେବାକୁ ପଥ ଉନ୍ମୁକ୍ତ ହୋଇଛି । ବଜେଟ୍ ଅଧିବେଶନ ଅବସରରେ ଗତ ସପ୍ତାହରେ ଉଭୟ ସଦନରେ ଏହି ବିଲ୍ ପାରିତ ହୋଇଥିଲା ।

## ଟ୍ରମ୍ପ୍-ଇରାନ୍

ସମୟସୀମା ପୂର୍ବରୁ ହର୍ମୁଜ୍ ପ୍ରଣାଳୀକୁ ପୁନଃ କାର୍ଯ୍ୟକ୍ଷମ କରାନଗଲେ ଏବଂ ତେହେରାନ୍ ଯୁଦ୍ଧ ବିରତି ନେଇ ଚୁକ୍ତିରେ ବିଫଳ ହେଲେ ଆମେରିକା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି । ଏପରିକି ଗୋଟିଏ ରାତିରେ ଇରାନ୍‌କୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇ ପାରିବ ବୋଲି ଶ୍ରୀ ଟ୍ରମ୍ପ୍ କହିଛନ୍ତି । ଏକ ଗ୍ରହଣଯୋଗ୍ୟ ଚୁକ୍ତିରେ ପହଞ୍ଚିବା ପାଇଁ ଭାରତୀୟ ମାନକ ସମୟ ଆସନ୍ତାକାଲି ସକାଳ ସାଢ଼େ ପାଞ୍ଚଟା ପର୍ଯ୍ୟନ୍ତ ଶ୍ରୀ ଟ୍ରମ୍ପ୍ ସମୟସୀମା ଧାର୍ଯ୍ୟ କରିଛନ୍ତି । ହ୍ୱାଇଟ୍‌ହାଉସ୍‌ଠାରେ ଗଣମାଧ୍ୟମକୁ ସୂଚନା ଦେଇ

ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ହର୍ମୁଜ୍ ପ୍ରଣାଳୀ ବନ୍ଦ ରହିଲେ ଆମେରିକା' ଇରାନ୍‌ର ଶକ୍ତି ଏବଂ ପରିବହନ ଭିତ୍ତିଭୂମିକୁ ଲକ୍ଷ୍ୟ କରି ଆକ୍ରମଣ କରିବ । ଅନ୍ୟ ପକ୍ଷରେ ଯୁଦ୍ଧ ବିରତି ପାଇଁ ଆମେରିକାର ପ୍ରସ୍ତାବକୁ ଇରାନ୍ ପ୍ରତ୍ୟାଖ୍ୟାନ କରିଛି ।

## ଦିଲ୍ଲୀ ଆସେମ୍ବ୍ଲି ସିକ୍ୟୁରିଟି ବ୍ରିଚ୍

ଦିଲ୍ଲୀ ବିଧାନସଭା ସୁରକ୍ଷା ଉଲ୍ଲଘଂନ ମାମଲାରେ ତିନି ଜଣଙ୍କୁ ଅଟକ ରଖାଯାଇଛି । ଦିଲ୍ଲୀ ଉତ୍ତର ଭାଗ ଡେପୁଟି କମିଶନର ଅଫ୍ ପୁଲିସ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସେମାନଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ, ଅପରାଧିକ ଅନୁପ୍ରବେଶ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ବଳପ୍ରୟୋଗ ସରକାରୀ ସମ୍ପତ୍ତି କ୍ଷତି ନିବାରଣ ଆଇନ୍ ଅନୁଯାୟୀ ମାମଲା ରୁଜୁ ହୋଇଛି । ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟପାଳନରେ ବାଧା ସୃଷ୍ଟି କରିବା ତଥା ଅନ୍ୟାନ୍ୟ ଆଇନ୍ ଉଲ୍ଲଘଂନ ନେଇ ମଧ୍ୟ ସିଭିଲ୍ ଲାଇନ୍ସ ପୁଲିସ୍ ଷ୍ଟେସନ୍‌ରେ ଏହି ମାମଲା ଦାଖଲ ହୋଇଛି ।

ସୂଚନା ଯୋଗ୍ୟ ଗତକାଲି ଅପରାହ୍ଣରେ ଏକ ଗାଡ଼ିରେ ଦିଲ୍ଲୀ ବିଧାନସଭା ପରିସରକୁ ଜଣେ ବ୍ୟକ୍ତି ଜୋର୍‌ଜବରଦସ୍ତ ପ୍ରବେଶ କରିଥିଲେ । ମାମଲାର ତଦନ୍ତ କରି ପୁଲିସ୍ ଗାଡ଼ିଟିକୁ ଅଟକ ରଖିବା ସହ ମୁଖ୍ୟ ଅଭିଯୁକ୍ତ ସରବଜିତ ସିଂହ ଏବଂ ଉତ୍ତର ପ୍ରଦେଶର ପିଲ୍‌ଭିତ୍‌ର

ବାସିନ୍ଦା ଅନ୍ୟ ୨ ଅଭିଯୁକ୍ତଙ୍କୁ ଅଟକ ରଖିଛି । ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି ।

# ମାଇନ୍ସ-ମିନିଷ୍ଟ୍ରି ରୁଲ୍ସ

ସଂଶୋଧିତ ଖଣିଜ ରିହାତି ନିୟମ ଅଧିସୂଚନା ଗତକାଲି ଖଣି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଛି । ଖଣି ଲିଜ୍ ପ୍ରଦାନରେ ସଂଲଗ୍ନ ଅଞ୍ଚଳ ଏବଂ ଆନୁସଙ୍ଗୀକ ଖଣିଜ ପଦାର୍ଥକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ନିୟମ ମାର୍ଗ ଉନ୍ମୁକ୍ତ କରିଛି । ଖଣି ଲିଜ୍ କିମ୍ବା ଭୂତଳ ଖଣିଜ ପଦାର୍ଥର ଏକକୃତ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଆବେଦନ ପ୍ରକ୍ରିୟାକୁ ଏହା ଅଧିକ ସହଜ କରିବ । ଏ ସଂକ୍ରାନ୍ତରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଷ୍ପତ୍ତି ଗ୍ରହଣ କରିବାକୁ ମଧ୍ଯ ଏହି ସଂଶୋଧିତ ନିୟମ ଗୁରୁତ୍ୱ ପ୍ରଦାନ କରୁଛି । ଖଣି ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଖଣି ଲିଜ୍‌ରେ କ୍ଷୁଦ୍ର ଖଣିଜ ପଦାର୍ଥ ସମେତ ଅନ୍ୟ ଯେକୌଣସି ଖଣିଜ ପଦାର୍ଥକୁ ସାମିଲ କରିବାରେ ଏହା ପଥ ଉନ୍ମୁକ୍ତ କରିବ । ଏଥିପାଇଁ ଆବେଦନର ୩୦ ଦିନ ମଧ୍ୟରେ ନିଷ୍ପତ୍ତି ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ପାଇଁ ସମୟସୀମା ଧାର୍ଯ୍ୟ ହୋଇଛି । ସଂଶୋଧିତ ଖଣି ଓ ଖଣିଜ ପଦାର୍ଥ ବିକାଶ ଏବଂ ନିୟନ୍ତ୍ରଣ ଆଇନ୍ ୨୦୨୫ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା ବେଳେ କ୍ଷୁଦ୍ର ଖଣିଜପଦାର୍ଥ ପାଇଁ ପ୍ରଦାନ କରାଯାଉଥିବା ଲିଜ୍‌ରେ ପ୍ରମୁଖ ଖଣିଜ

ପଦାର୍ଥକୁ ସାମିଲ କରିବାରେ ଏହି ସଂଶୋଧିତ ରିହାତି ନିୟମ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ମନ୍ତ୍ରଣାଳୟ କହିଛି ।

## ଆଇପିଏଲ୍ କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍ ବର୍ଷା ଯୋଗୁଁ ସମ୍ଭବ ହୋଇପାରି ନାହିଁ । କୋଲକାତାର ଇଡେନ୍‌ଗାର୍ଡେନ୍ସ ଠାରେ ଆୟୋଜିତ ଏହି ମ୍ୟାଚ୍‌ରେ ଟସ୍ ଜିତି କୋଲକାତା ନାଇଟ୍‌ରାଇଡର୍ସ୍ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ମାତ୍ର ୩ ଓଭର ୪ଟି ବଲ୍‌ରେ ୨ ୱିକେଟ୍ ବିନିମୟରେ ୨୫ରନ୍ ସଂଗ୍ରହ ସହ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ତେବେ ଏହା ପରେ ବର୍ଷା ଯୋଗୁଁ ଖେଳ ସମ୍ଭବ ହୋଇପାରି ନାହିଁ । ଉଭୟ ଦଳଙ୍କୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଛି ।

ଆଜି ରାଜସ୍ଥାନ ରୟାଲ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଗୁଆହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ପଏଣ୍ଟ ତାଲିକାରେ ରାଜସ୍ଥାନ ରୟାଲ୍ସ ଏବେ ତୃତୀୟ ସ୍ଥାନରେ ରହିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ଷଷ୍ଠ ସ୍ଥାନରେ ରହିଛି । ପଞ୍ଜାବ କିଙ୍ଗସ୍ ପ୍ରଥମ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।